# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ,ଉଲୁଣ୍ଡା

## ବିଜ୍ଞାପନ

**ସଂଖ୍ୟା** 1347 **ତାରିଖ** ୦୯.୦୯.୨୫

ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପତ୍ର ସଂଖ୍ୟା WCD-ICDS-G-MISC-୦୦୩୩-୨୦୨୨ ୪୯୭୦/ WCD ତାରିଖ ୧୫.୦୩.୨୦୨୩ ଅନୁସାରେ ଅଙ୍ଗନୱାଡି ସହାୟିକା ଚୟନ ପ୍ରକ୍ରିୟା ର ପ୍ରସଙ୍ଗ କ୍ରମେ ଏତଦ ଦ୍ୱାରା ଉଲୁଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ନିମ୍ନ ଲିଖିତ **ଅଙ୍ଗନୱାଡି କେନ୍ଦ୍ର** ର **ସହାୟିକା** ପଦବୀ ପୂରଣ ପାଇଁ ଉକ୍ତ କେନ୍ଦ୍ରାଞ୍ଚଳ ପରିସର ମଧ୍ୟରେ ବସବାସ କରୁଥିବା ଇଚ୍ଛୁକ ମହିଳା ପ୍ରାର୍ଥିନୀ ମାନଙ୍କ ତଥା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣେଇ ଦିଆଗଲା ଯେ ନିମ୍ନଲିଖିତ ଅଙ୍ଗନୱାଡି କେନ୍ଦ୍ର ର **ଅଙ୍ଗନୱାଡି ସହାୟିକା** ପଦବୀ ପାଇଁ ଆବଶ୍ୟକ ଯୋଗ୍ୟତା ଥିବା ପ୍ରାର୍ଥିନୀ ମାନେ ଏହି ବିଜ୍ଞାପନ ସହ ସଲଗ୍ନ କରାଯାଇଥିବା ନିର୍ଦ୍ଦିଷ୍ଟ online portal **www.engagement-awc.odisha.gov.in** ରେ ତା. ୧୦.୦୯.୨୦୨୫ ଠାରୁ ତା. ୨୪.୦୯.୨୦୨୫ ମଧ୍ୟରେ ସମସ୍ତ ପ୍ରମାଣ ପତ୍ର ସହିତ ଆବେଦନ କରିବେ। **ଆବେଦନ କରିବା ସମୟରେ ସମସ୍ତ ଆବଶ୍ୟକୀୟ ପ୍ରମାଣ ପତ୍ର ଉପରୋକ୍ତ online portal ରେ ଅପଲୋଡ(Upload) କରି ନଥିଲେ ପରେ କୌଣସି ପ୍ରମାଣ ପତ୍ର ଗ୍ରହଣ କରାଯିବ ନାହିଁ । ଅସମ୍ପୂର୍ଣ ବା ତ୍ରୁଟି ଯୁକ୍ତ ଭାବେ ପୂରଣ ଆବେଦନ ପତ୍ର କୁ ରଦ୍ଦ କରାଯିବ ।**

ଏହି ସ୍ୱେଚ୍ଛାସେବି ପଦବୀ ପାଇଁ ସରକାରଙ୍କ ନିର୍ଦ୍ଧାରିତ ହାରରେ ପାରିତୋଷିକ ପ୍ରଦାନ କରାଯିବ । ଏହିପାଇଁ ପ୍ରାର୍ଥିନୀ ଭବିଷ୍ୟତରେ ସରକାରୀ ପଦବୀ ବା ଦରମା ଦାବି କରିପାରିବେ ନାହିଁ । ନିମ୍ନ ସ୍ୱାକ୍ଷର କାରି ଯେକୌଣସି ସମୟରେ କୌଣସି କାରଣ ନଦର୍ଶାଇ ଏହି ବିଜ୍ଞପ୍ତି ଆଂଶିକ ବା ସମ୍ପୂର୍ଣ୍ଣ ନାକଚ କରିପାରିବେ । ପ୍ରାର୍ଥିନୀଙ୍କ ଠାରୁ ତା. ୧୦.୦୯.୨୦୨୫ ଠାରୁ ତା. ୨୪.୦୯.୨୦୨୫ ରିଖ ମଧ୍ୟରେ ମିଳିଥିବା ଦରଖାସ୍ତ ଗୁଡିକ ତା. ୨୫.୦୯.୨୦୨୫ ରିଖ ଦିନ ୧୧.୦୦ ଟା ସମୟରେ ଯାଞ୍ଚ କରାଯିବ । ଉକ୍ତ ଦିନ ପ୍ରାର୍ଥିନୀ ମାନେ ସେମାନଙ୍କ ମୂଳ ପ୍ରମାଣ ପତ୍ର ସହ ଅତ୍ର କାର୍ଯ୍ୟାଳୟରେ ଉପସ୍ଥିତ ରହି ମୂଳ ପ୍ରମାଣ ଯାଞ୍ଚ ନିମନ୍ତେ ପେସ କରିବେ।ନିର୍ଦ୍ଧାରିତ ଦିବସରେ ମୂଳ ପ୍ରମାଣ ପତ୍ର ପେସ କରି ନପାରିଲେ ଉକ୍ତ ଦରଖାସ୍ତ କୁ ବିଚାର ପାଇଁ ଗ୍ରହଣ କରାଯିବ ନାହିଁ । ସମସ୍ତ ଦରଖାସ୍ତ ଗୁଡିକ ମୂଳ ପ୍ରମାଣ ପତ୍ର ସହ ଯାଞ୍ଚ କଲାପରେ ଏକ ଯୋଗ୍ୟତା ଭିତ୍ତିକ ତାଲିକା ନିର୍ଦ୍ଧାରିତ online portal **www.engagement-awc.odisha.gov.in** ରେ ଏବଂ ସମ୍ପୃକ୍ତ କେନ୍ଦ୍ର/ ପଞ୍ଚାୟତ / ପଞ୍ଚାୟତ ସମିତି କାର୍ଯ୍ୟାଳୟର ନୋଟିସ ବୋଡ ରେ ଜନସାଧାରଙ୍କର ଅବଗତି ପାଇଁ ତା. ୨୬.୦୯.୨୦୨୫ ରିଖ ଦିନ ଚିଠା ପ୍ରକାଶନ କରାଯିବ।

ଉକ୍ତ ତାଲିକା ବିଷୟରେ କୌଣସି ଆପତ୍ତି ଅଭିଯୋଗ ଥିଲେ ସେ ବାବଦରେ ତା. ୨୬.୦୯.୨୦୨୫ ଠାରୁ ତା. ୦୨.୧୦.୨୦୨୫ ମଧ୍ୟରେ ଅଭିଯୋଗ ଓ ତତ ସମ୍ପର୍କିତ ତଥ୍ୟଭିତିକ ପ୍ରମାଣ ପତ୍ର ସହ ଲିଖିତ ଆକାରରେ ଉପୋରକ୍ତ online portal ରେ ଦାଖଲ କରିବେ । ୦୨.୧୦.୨୦୨୫ ପରେ କୌଣସି ଅଭିଯୋଗ ବିଚାରକୁ ନିଆ ଯିବ ନାହିଁ।

୦୯.୦୯.୨୫

**ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,**
Child Dev Project Officer
**ଉଲୁଣ୍ଡା**
Ulunda

# ଯୋଗ୍ୟତା

ଆବେଦନକାରିଣୀ ନିମ୍ନ ଲିଖିତ ନିୟମ ମାନ ପାଳନ କରି ପ୍ରମାଣ ପତ୍ର ଦାଖଲ କରିବେ । ନିୟମ ବହିର୍ଭୂତ କାଗଜାତ ଯୋଗ୍ୟ ବିବେଚିତ ହେବ ନାହିଁ ।

୧. ପ୍ରାର୍ଥିନୀ କେବଳ ମହିଳା ଶ୍ରେଣୀ ଓ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ର ପରିସୀମା ର ସ୍ଥାୟୀ ବାସିନ୍ଦା ହୋଇଥିବା ସହିତ ସମ୍ପୃକ୍ତ ଗ୍ରାମର କେନ୍ଦ୍ର ଅଞ୍ଚଳରେ ବସବାସ କରୁଥିବେ ଏବଂ ତାଙ୍କର ନାମ ସମ୍ପୃକ୍ତ କେନ୍ଦ୍ରର ସର୍ଭେ ଲିଷ୍ଟରେ ସ୍ଥାନ ପାଇଥିବ ।

୨. ପ୍ରାର୍ଥିନୀ ଙ୍କ ବୟସ ତା. ୦୧.୦୧.୨୦୨୫ ସୁଦ୍ଧା ୧୮ ବର୍ଷ ରୁ କମ କିମ୍ବା ୩୫ ବର୍ଷରୁ ଅଧିକ ହୋଇ ନଥିବ।

୩. ପ୍ରାର୍ଥିନୀ ଅତିକମ ରେ ଦ୍ୱାଦଶ ଶ୍ରେଣୀ ପାସ କରିଥିବା ଦରକାର । ତାଙ୍କର ସମସ୍ତ ଶିକ୍ଷାଗତ ଯୋଗ୍ୟତା ଯଥା ମାଟ୍ରିକ,ଦ୍ୱାଦଶ ଏବଂ ତଦୁର୍ଦ୍ଧ ର ପ୍ରମାଣ ପତ୍ର, ଏବଂ ମାର୍କସିଟ ର ନମୁନା ଆବେଦନ ପତ୍ର ସହିତ ଅପଲୋଡ କରିବେ ।

୪. ଅନୁସୂଚିତ ଜାତି, ଜନଜାତି, ପରିତ୍ୟକ୍ତ ମହିଳା, ବିଧବା , ଅନାଥ ପ୍ରାର୍ଥିନୀ .ନିରାଶ୍ରୟ,ଛାଡପତ୍ର ପ୍ରାପ୍ତ , ଏବଂ ଉଚ୍ଚ ଯୋଗ୍ୟତା ପରୀକ୍ଷାରେ ଉତ୍ତିର୍ଣ ହୋଇଥିବା ପ୍ରାର୍ଥିନୀ ମାନଙ୍କୁ ନିୟମ ଅନୁସାରେ ଗ୍ରେସ ମାର୍କ (ଶତକଡା ମାର୍କ) ଦିଆଯିବ । ଏଥି ନିମନ୍ତେ ଉପଯୁକ୍ତ ପ୍ରମାଣ ପତ୍ର ଦରଖାସ୍ତ ସହ ଅପଲୋଡ କରିବେ ।

୫. ଆବଶ୍ୟକ ଯୋଗ୍ୟତା ଥିବା ଏବଂ ଅନ୍ୟାନ୍ୟ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଅନାଥ, ବିଧବା, ସ୍ୱାମୀ ଙ୍କ ଠାରୁ ଅଲଗା ହୋଇ ଥିବା ମହିଳା, ଛାଡପତ୍ର ପ୍ରାପ୍ତ କିମ୍ବା ପରିତ୍ୟକ୍ତ ମହିଳାଙ୍କୁ ପ୍ରଥମିକତା ଦିଆଯିବ।

୬. ପ୍ରାର୍ଥିନୀ ଓଡିଆ ଭାଷା ରେ କହି, ପଢି ଓ ଲେଖି ପାରୁଥିବା ବାଧ୍ୟତାମୂଳକ ଅଟେ । ଯେଉଁମାନେ ଓଡିଆ ମାଧ୍ୟମ ବ୍ୟତୀତ ଅନ୍ୟ ମାଧ୍ୟମ ରେ ଶିକ୍ଷା ଗ୍ରହଣ କରିଥିବେ ସେମାନଙ୍କର ଅନୁନ୍ୟ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଓଡିଆ ପଢି ଥିବା ର ପ୍ରମାଣ ପତ୍ର ଦାଖଲ କରିବେ ।

୭. ପ୍ରାର୍ଥିନୀ ଅଙ୍ଗନୱାଡି କେନ୍ଦ୍ର ରେ ପିଲାମାନ ଙ୍କୁ ରୋଷେଇ କରି ଖାଇବାକୁ ଦେବା ଏବଂ ଅଙ୍ଗନୱାଡି କେନ୍ଦ୍ର ର ଦୈନିକ କାର୍ଯ୍ୟ ରେ ଅଙ୍ଗନୱାଡି କର୍ମୀ ଙ୍କୁ ସାହାଯ୍ୟ କରିବାକୁ ଇଚ୍ଛୁକ ବୋଲି ଏକ ଅଙ୍ଗୀକାର ଚୁକ୍ତି ଦାଖଲ କରିବେ ।

୮. ଯଦିଓ ଓଡିଶା ସଂରକ୍ଷଣ ନିୟମ (ଓଆରଭି) ଏହି ଚୟନ ରେ ଲାଗୁ ହୋଇନାହିଁ । ମୁଖ୍ୟତଃ ଏସସି, ଏସଟି ଏବଂ ଓ.ବି.ସି ଜନସଂଖ୍ୟା ଦ୍ୱାରା ଅଧିକୃତ ଗ୍ରାମଗୁଡିକ ରେ ଚୟନ କରାଯାଇଥିବା ସହାୟିକା ଏହି ସମ୍ପ୍ରଦାୟର ଯେ କୌଣସି ସମ୍ପ୍ରଦାୟରୁ ହୋଇପାରନ୍ତି ଯେଉଁମାନେ ସଂଖ୍ୟା ଗରିଷ୍ଠ ଅଟନ୍ତି।

୯. ସ୍ଥାନୀୟ ତାହାସିଲଦାର ଙ୍କ ଦ୍ୱାରା ପ୍ରଦାନ କରା ଯାଇଥିବା ବୈଧ ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ଓ ଜାତିଗତ ପ୍ରମାଣ ପତ୍ର ପୋର୍ଟାଲରେ ଅପଲୋଡ କରିବା ଜରୁରୀ ଅଟେ। ଅପଲୋଡ ହୋଇ ନ ଥିବା କୌଣସି ପ୍ରମାଣପତ୍ର ଚୟନ ସମୟରେ ବିଚାରକୁ ନିଆଯିବ ନାହିଁ । ଏଣୁ ପ୍ରାର୍ଥିନୀ ଆବେଦନ ପତ୍ର ସହିତ ଆବଶ୍ୟକୀୟ ସମସ୍ତ ପ୍ରମାଣ ପତ୍ର ପୋର୍ଟାଲରେ ଅପଲୋଡ କରିବେ ।

ଆବେଦନ କରିଥିବା ପ୍ରାର୍ଥିନୀ ମାନେ ସେମାନଙ୍କର ଅସମ୍ପୂର୍ଣ କିମ୍ବା ଭୁଲ ତଥ୍ୟ ଉପୋରକ୍ତ online portal ମାଧମରେ ଦାଖଲ କରିଥିଲେ ଆବେଦନ ପତ୍ର କୁ ନାକଚ ଘୋଷଣା କରାଯିବ ।

**ବି. ଦ୍ର. ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ଉକ୍ତ ବିଜ୍ଞାପନ କୁ ସ୍ଥଗିତ କିମ୍ବା ରଦ୍ଦ କରିପାରିବେ ।**

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ଉଲୁଣ୍ଡା
Child Dev. Project Officer
Ulunda

| କ୍ର.ନ. | ଅଙ୍ଗନବାଡିକେନ୍ଦ୍ରରନାମ | ଗ୍ରାମପଂଚାୟତ | ଗ୍ରାମ | କେନ୍ଦ୍ରପରିସୀମା |
|---|---|---|---|---|
| ୧ | କୁଡାପଡା | କୋଟସମଲାଇ | କୁଡାପଡା | ଘର ନଂ- ୧ ଛାଲ ଖୁରାଙ୍କ ଘରଠାରୁ ଘର ନଂ -୫୪ ପ୍ରଦୀପ ଚାନ୍ଦଙ୍କ ଘର ପର୍ଯ୍ୟନ୍ତ । |
| ୨ | କୁଟମେଣ୍ଡା- ୧ | ଚଡାଇପଙ୍କ | କୁଟମେଣ୍ଡା | ଘର ନଂ- ୧ ସତ୍ୟଭାମା ଭଣ୍ଡାଙ୍କ ଘରଠାରୁ ଘର ନଂ- ୧୧୫ କଳାକାହ୍ନୁ ମହାଳିକ ଙ୍କ ଘର ପର୍ଯ୍ୟନ୍ତ। |
| ୩ | ବୈରାଗୀପାଲି | କାଦୋଦର | ବୈରାଗିପାଲି | ଘର ନଂ- ୧ ସୁରୁବାବୁ ହରିପାଲଙ୍କ ଘର ଠାରୁ ଘର ନଂ- ୧୦୬ ଗଣେଶ ସୁନାଙ୍କ ଘର ପର୍ଯ୍ୟନ୍ତ । |

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ଉଲୁଣ୍ଡା
Child Dev. Project Officer
Ulunda

ପରିପତ୍ର ସଂଖ୍ୟା 1348 ତାରିଖ ୦୨.୦୭.୨୫

୧)ଏହାର ଏକକିତ ନକଲ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଉଲୁଣ୍ଡା ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଙ୍କ ଘୋଷଣା ଫଳକରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଟଙ୍ଗାଗଲା ।

୨)ଏହାର ଏକକିତ ନକଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଲୁଣ୍ଡା ଙ୍କ ଅବଗତି ତଥା ବିଧି କାର୍ଯ୍ୟ ନିମତେ ପ୍ରେରଣା କରାଗଲା

୩)ଏହାର ଏକକିତ ନକଲ ସମ୍ପୃକ୍ତ ପରିଦର୍ଶୀକା / ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଅବଗତି ଓ ବିଧିକାର୍ଯ୍ୟ ପାଇଁ ପ୍ରେରଣ କରାଗଲା

୪)ଏହାର ଏକକିତ ନକଲ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀ ଙ୍କ ଅବଗତି ତଥା କେନ୍ଦ୍ରାଞ୍ଚଳ ରେ ବହୁଳ ପ୍ରଚାର ନିମନ୍ତେ ଗ୍ରାମର ମୁଖ୍ୟ ସ୍ଥାନରେ ଛପାଇବା ପାଇଁ ପ୍ରେରଣ କରାଗଲା ।

୫)ଏହାର ଏକକିତ ନକଲ ସମ୍ପୃକ୍ତ ଗ୍ରାମର ସରପଞ୍ଚ ଙ୍କ ଅବଗତି ଏବଂ ସମ୍ପୃକ୍ତ ଗ୍ରାମ, ଗ୍ରାମପଞ୍ଚାୟତ ଓ କେନ୍ଦ୍ରାଞ୍ଚଳ ରେ ବହୁଳ ପ୍ରଚାର ନିମନ୍ତେ ଛପାଇବା ପାଇଁ ପ୍ରେରଣା କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ଉଲୁଣ୍ଡା
Child Dev. Project Officer
Ulunda

ପରିପତ୍ର ସଂଖ୍ୟା 1349 ତାରିଖ 07.07.25

ଏହାର ଏକକିତ ନକଲ ଉପ- ଜିଲ୍ଲାପାଳ, ବୀରମାହାରାଜପୁର ତଥା ଅଧକ୍ଷ , ଶିଶୁ ବିକାଶ ପ୍ରକଳ୍ପ , ଉଲୁଣ୍ଡା / ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସୁବର୍ଣପୁର ଙ୍କ ଅବଗତି ନିମନ୍ତ ପ୍ରେରଣ କରାଗଲା ।

07.07.25

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,
Child Dev. Project Officer
ଉଲୁଣ୍ଡା
Ullunda

ପରିପତ୍ର ସଂଖ୍ୟା 1350 ତାରିଖ 07.07.25

ଏହାର ପ୍ରତିଲିପି ଜିଲ୍ଲା ସୂଚନା ଅଧିକାରୀ,ସୁବର୍ଣପୁର ଅଧକ୍ଷ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଏହି ବିଜ୍ଞାପନ ବହୁଳ ପ୍ରଚାର ଏବଂ ପ୍ରସାର ପାଇଁ www.subarnapur.nic.in ରେ ସଂଲଗ୍ନ କରିବାକୁ ଅନୁରୋଧ ।

07.07.25

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,
Child Dev. Project Officer
ଉଲୁଣ୍ଡା
Ullunda